OFFICE OF THE TAHASILDAR
BARIPADA, MAYURBHANJ

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୂରଭଞ୍ଜ

## ନିଲାମ ଇସ୍ତାହାର

ନଂ 4070 // ତା. 22/06/26

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2026-27 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସ ଗୁଡିକର ନିମ୍ନ କାର୍ଯ୍ୟ ସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ଵାରା ଜଉମୁଦ (Sealed Tender) ମାଧ୍ୟମରେ ନିଲାମ କରାଯିବ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦଖଲ କରି ଆବେଦନ ଫର୍ମ, ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣାସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଏଥିସହ ଆବେଦନକାରୀ ତାଙ୍କର ଆଧାର କାର୍ଡ ଓ ପାନ କାର୍ଡ ସଂଲଗ୍ନ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ , ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୁଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ । ନିଲାମ ସମ୍ବନ୍ଧୀୟ ସମସ୍ତ ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ ରହିବ। କୌଣସି କାରଣବଶତଃ ନିଲାମ ବାତିଲ କିମ୍ବା ସ୍ଥଗିତ କରିବାର ଅଧିକାର ତହସିଲଦାରଙ୍କର ରହିବ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 01 | **Mango Orchard of Chhancha ( TMC NO-57/2025-26)** | ମୌଜା-ଛାଞ୍ଚ<br>ଖାତା ନଂ 267<br>ପ୍ଲଟନଂ -187, 170<br>କିସମ - ବଗାୟାତ ଦୁଇ<br>ରକବା-ଏ 13.88 | **Rs. 32,000/-** | ତହସିଲ କାର୍ଯ୍ୟାଳୟ ବାରିପଦା | **ତା 01.07.2026 ଦିବା 5.00 ଘଟିକା** | **ତା 02.07.2026 ଦିବା 3.00 ଘଟିକା** |
| 02 | **Mango Orchard of Nayapurusottampur**<br>**TMC NO- 63 /25-26)** | ମୌଜା- ନୟାପୁରୁଷୋତ୍ତମପୁର<br>ଖାତା ନଂ- 95<br>ପ୍ଲଟନଂ -8, 10, 28, 35/1, 35/586/1<br>କିସମ ବଗାୟାତ ଦୁଇ ,ଡାହି ଦୁଇ ରକବା- ଏ 32.97 | **Rs. 4,17,000/-** | ତହସିଲ କାର୍ଯ୍ୟାଳୟ ବାରିପଦା | **ତା 01.07.2026 ଦିବା 5.00 ଘଟିକା** | **ତା 02.07.2026 ଦିବା 3.00 ଘଟିକା** |

ତହସିଲଦାର, ବାରିପଦା
TAHASILDAR
BARIPADA

ପରିପତ୍ର ସଂଖ୍ୟା 4071 / ତଉଜି, ତା 22/06/26 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ବାରିପଦା
TAHASILDAR
BARIPADA

ପରିପତ୍ର ସଂଖ୍ୟା 4072 / ତଉଜି, ତା 22/06/26 ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା, ରାଜସ୍ୱ ନିରୀକ୍ଷକ ବାରିପଦା-3 ଏବଂ ବୁଢ଼ୀଖମାରି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଢେଙ୍ଗୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ ଓ ସଦର ଥାନା / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବୁଢ଼ୀଖମାରିଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ମୟୂରଭଞ୍ଜ ଙ୍କୁ ଜିଲ୍ଲା ୱେବସାଇଟ ରେ ପରିପ୍ରକାଶ ନିମନ୍ତେ ପଠାଗଲା ।

ତହସିଲଦାର,ବାରିପଦା
TAHASILDAR
BARIPADA